ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ସୁରିନ୍ଦର ସିଂହ ଏବଂ ଅନ୍ୟଜଣେ

ଅକ୍ଟୋବର 25,2007

**[ଏ. କେ. ମାଥୁର୍ ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ :*

*ଦିନ ମଜୁରିଆ କର୍ମଚାରୀ - ଅନୁରୂପ କାମ ପାଇଁ ଅନୁରୂପ ଦରମା ଦାବି - ବିଚାର କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦିତ - ରାୟ ଦିଆଗଲା : ଅନୁରୂପ କାର୍ଯ୍ୟ ପାଇଁ ଅନୁରୂପ ଦରମା ପ୍ରଦାନ କରିବା ପାଇଁ ସମାନ ଭାବରେ ଅବସ୍ଥିତ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଏବଂ ସମଗ୍ର ପରିଚୟ ରହିବା ଉଚିତ - ଜଣେ ନିୟମିତ ନିଯୁକ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ, ସେ ଏକ ଚୟନ ପ୍ରକ୍ରିୟା ଦେଇ ଆସିଛନ୍ତି ଏବଂ ତାଙ୍କ ସେବା ନିୟମିତ ଅଟେ - ଯଦିଓ ଜଣେ ଦିନ ମଜୁରିଆ କର୍ମଚାରୀ ଜଣେ ନିୟମିତ କର୍ମଚାରୀଙ୍କ ପରି ଅନୁରୂପ କାର୍ଯ୍ୟ ସମ୍ପାଦନ କରୁଛନ୍ତି, କର୍ତ୍ତୃପକ୍ଷ ତାଙ୍କୁ ଅନୁରୂପ ଦରମା ପ୍ରଦାନ କରିବାକୁ ବାଧ୍ୟ ନୁହଁନ୍ତି କାରଣ ସେ ସ୍ୱଳ୍ପ ଅବଧି ପାଇଁ ନିଯୁକ୍ତ ହୋଇଛନ୍ତି ଏବଂ ଚୟନ ପ୍ରକ୍ରିୟାର ସମ୍ମୁଖୀନ ହୋଇନାହାନ୍ତି - ଉଚ୍ଚ ନ୍ୟାୟାଳୟ ଏବଂ ବିଚାର କରୁଥିବା ନ୍ୟାୟାଳୟର ଆଦେଶକୁ ରଦ୍ଦ କରିଦିଆଗଲା ।*

*ଏସ୍. ସି. ଚନ୍ଦ୍ର ଏବଂ ଓ. ଅନ୍ୟମାନେ ବନାମ ଝାଡ଼ଖଣ୍ଡ ରାଜ୍ୟ ଏବଂ ଅନ୍ୟମାନେ*, **[2007] 9 SCR 130 = JT (2007) 10 SC 272 ମାମଲା ଉପରେ ନିର୍ଭର କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5607-5608/2001

RSA ସଂଖ୍ୟା 42-43/2000 ରେ ଚଣ୍ଡୀଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 24.05.2000 ର ରାୟ ଏବଂ ଚୂଡ଼ାନ୍ତ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ନିଖିଲ ଜୈନ ଏବଂ ଅଜୟ ପାଲ୍

ଉତ୍ତରଦାତାମାନଙ୍କ ତରଫରୁ ନୀରଜ କୁମାର ଜୈନ, ଭରତ ସିଂହ, ସଞ୍ଜୟ ସିଂହ, ସନ୍ଦୀପ ଚତୁର୍ବେଦୀ, ସଚିନ ଜୈନ ଏବଂ ଉଗ୍ର ଶଙ୍କର ପ୍ରସାଦ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା ।

**ଆଦେଶ**

ପକ୍ଷୀମାନଙ୍କ ପାଇଁ ଆମେ ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଲୁ ।

ସ୍ୱତନ୍ତ୍ର ଆବେଦନ ଦ୍ୱାରା ଏହି ଆବେଦନଗୁଡିକ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଦ୍ୱାନ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ନିୟମିତ ଦ୍ୱିତୀୟ ଆବେଦନ ସଂଖ୍ୟା 42/2000 ଏବଂ 43/2000 ରେ ପାରିତ ହୋଇଥିବା ସାଧାରଣ ରାୟ ଏବଂ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯାହା ଦ୍ୱାରା ଉଚ୍ଚ ନ୍ୟାୟାଳୟ ବିଚାର କରୁଥିବା ନ୍ୟାୟାଳୟର ଆଦେଶକୁ କାଏମ ରଖିଛନ୍ତି । ବିଚାର କରୁଥିବା ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ ଦୈନିକ ମଜୁରୀ ଆଧାରରେ ଟ୍ରାକ୍ଟର ଚାଳକ ଭାବରେ କାର୍ଯ୍ୟ କରୁଥିବା ଉତ୍ତରଦାତାମାନଙ୍କୁ ଅନୁରୂପ କାର୍ଯ୍ୟ ପାଇଁ ଅନୁରୂପ ବେତନ ନୀତି ଉପରେ ନିୟମିତ ଭାବରେ ନିଯୁକ୍ତ ହୋଇଥିବା ଚାଳକ ପରି ସମାନ ବେତନ ହାର ପ୍ରଦାନ କରାଯିବା ଉଚିତ୍ । ତେବେ, ସେମାନଙ୍କ ସେବାଗୁଡ଼ିକର ନିୟମିତକରଣ ସମ୍ବନ୍ଧୀୟ ଅନ୍ୟ ପ୍ରତିକାରକୁ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ଏହାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ କ୍ଷୁବ୍ଧ ହୋଇ ପଞ୍ଜାବ ରାଜ୍ୟ ଆମ ସମ୍ମୁଖରେ ଆବେଦନ କରିଛନ୍ତି ।

ଏହି ନ୍ୟାୟାଳୟଙ୍କ ଦ୍ୱାରା 17.8.2001 ରେ ସ୍ୱତନ୍ତ୍ର ଅନୁମତି ମଞ୍ଜୁର କରାଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ପାରିତ ଆଦେଶର ନିଷ୍ପାଦନକୁ ସ୍ଥଗିତ ରଖାଗଲା ।ଆଜି ଆବେଦନଗୁଡ଼ିକ ଚୂଡ଼ାନ୍ତ ଶୁଣାଣି ପାଇଁ ଆମ ସମ୍ମୁଖରେ ରହିଛି ।

ଆମେ ପକ୍ଷମାନଙ୍କ ତରଫରୁ ବିଦ୍ୱାନ ଅଧିବକ୍ତାଙ୍କ ତର୍କଗୁଡ଼ିକୁ ଶୁଣିଛୁ ଏବଂ ଉଚ୍ଚ ନ୍ୟାୟାଳୟ ତଥା ବିଚାର କରୁଥିବା ନ୍ୟାୟାଳୟର ଆକ୍ଷେପିତ ରାୟକୁ ମଧ୍ୟ ଅନୁଧ୍ୟାନ କରିଛୁ ।

ଅନୁରୂପ କାର୍ଯ୍ୟ ପାଇଁ ଅନୁରୂପ ପାରିଶ୍ରମିକର ନୀତିରେ ଏକ ବିରାଟ ପରିବର୍ତ୍ତନ ଘଟିଛି । ପୂର୍ବରୁ ଏହି ନ୍ୟାୟାଳୟଙ୍କର ମତ ଥିଲା ଯେ ଯଦି ଦୁଇ ଜଣ ବ୍ୟକ୍ତି ଅନୁରୂପ କାର୍ଯ୍ୟ ସମ୍ପାଦନ କରୁଛନ୍ତି, ତେବେ ସେମାନେ ଅନୁରୂପ  ମଜୁରୀ ପାଇବାକୁ ହକଦାର ହେବେ । ପରବର୍ତ୍ତୀ ସମୟରେ ଏହି ଦୃଷ୍ଟିକୋଣକୁ ପରିବର୍ତ୍ତନ କରାଯାଇଛି ଏବଂ ବର୍ତ୍ତମାନ ଏହି ନ୍ୟାୟାଳୟଙ୍କର ମତ ହେଉଛି ଯେ ଅନୁରୂପ କାର୍ଯ୍ୟ ପାଇଁ ଅନୁରୂପ  ମଜୁରୀ  ପ୍ରଦାନ କରିବା ପାଇଁ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଏବଂ ସମଗ୍ର ପରିଚୟ ରହିବା ଉଚିତ । ନିକଟ ଅତୀତରେ ଏହି ନ୍ୟାୟାଳୟ ରାୟ ଦେଇଥିଲେ ଯେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ପରିଚୟ ସମ୍ପୂର୍ଣ୍ଣ ଏବଂ ସମଗ୍ର ହେବା ଉଚିତ । ଜଣେ ନିୟମିତ ନିଯୁକ୍ତ ବ୍ୟକ୍ତିଙ୍କ କ୍ଷେତ୍ରରେ, ସେ ଏକ ଚୟନ ପ୍ରକ୍ରିୟା ଦେଇ ଆସିଛନ୍ତି  ଏବଂ ତାଙ୍କର ସେବା ଏଠାରେ ନିୟମିତ ଅଟେ । ଏପରିକି ଯଦି ଜଣେ ଦିନ ମଜୁରିଆ କର୍ମଚାରୀ ଜଣେ ନିୟମିତ କର୍ମଚାରୀଙ୍କ ଭଳି ଅନୁରୂପ କାର୍ଯ୍ୟ ସମ୍ପାଦନ କରୁଛନ୍ତି, ତେବେ କର୍ତ୍ତୃପକ୍ଷ ଏପରି ଜଣେ ବ୍ୟକ୍ତିଙ୍କୁ ଅନୁରୂପ ଦରମା ଦେବାକୁ ବାଧ ନୁହଁନ୍ତି, ଯିଏକି ଦିନ ମଜୁରିଆ ଆଧାରରେ ନିଯୁକ୍ତ ହୋଇଛନ୍ତି, ଅର୍ଥାତ୍ ସେ ସ୍ୱଳ୍ପ ଅବଧି ପାଇଁ ନିଯୁକ୍ତ ହୋଇଛନ୍ତି ଏବଂ ଚୟନ ପ୍ରକ୍ରିୟାର ସମ୍ମୁଖୀନ ହୋଇନାହା ନ୍ତି।ତେଣୁ, ଅନୁରୂପ  କାର୍ଯ୍ୟ ପାଇଁ ଅନୁରୂପ ବେତନ ନୀତି କେବଳ ସେତେବେଳେ ମଞ୍ଜୁର କରିବାକୁ ହେବ ଯେତେବେଳେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଏକ ସମ୍ପୂର୍ଣ୍ଣ ଏବଂ ସମଗ୍ର ପରିଚୟ ଥିବ । ଏହି ଦୃଷ୍ଟିକୋଣରୁ, ଆମେ *ଏସ୍. ସି. ଚନ୍ଦ୍ର ଏବଂ ଅନ୍ୟମାନେ ବନାମ ଝାଡ଼ଖଣ୍ଡ ରାଜ୍ୟ ଏବଂ ଅନ୍ୟମାନେ* [2007] 9 SCR 130-JT [2007] 10 SC 272,  ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତି ଦ୍ୱାରା ସମର୍ଥିତ, ଯାହା ଏହି ନ୍ୟାୟାଳୟଙ୍କର ପୂର୍ବ ନିର୍ଣ୍ଣୟକୁ ସୂଚିତ କରିଛି ।

ଉପରୋକ୍ତ ନିଷ୍ପତ୍ତିରେ ଆମ୍ଭମାନଙ୍କ ମଧ୍ୟରୁ ଜଣେ (ନ୍ୟାୟମୂର୍ତ୍ତି ମାର୍କଣ୍ଡେୟ କାଟଜୁ) ତାଙ୍କ ଏକ ସହମତି ରାୟରେ କହିଛନ୍ତି ଯେ ବେତନ ହାର  ପ୍ରଦାନ  ଏକ କାର୍ଯ୍ୟ ନିର୍ବାହୀ କିମ୍ବା ବୈଧାନିକ କାର୍ଯ୍ୟ, କିନ୍ତୁ ନ୍ୟାୟିକ କାର୍ଯ୍ୟ ନୁହେଁ । ସମ୍ବିଧାନ ଅନୁଯାୟୀ ରାଜ୍ୟର ତିନୋଟି ଅଙ୍ଗ ମଧ୍ୟରେ କ୍ଷମତାର ପୃଥକୀକରଣ ରହିଛି ଏବଂ ନ୍ୟାୟପାଳିକା ଅନ୍ୟ ଅଙ୍ଗଗୁଡ଼ିକର ଅଧିକାର କ୍ଷେତ୍ରକୁ ଅନଧିକାର ପ୍ରବେଶ କରିବା ଉଚିତ ନୁହେଁ । ମଣ୍ଟେସ୍କି ଙ୍କର କ୍ଷମତା ପୃଥକୀକରଣର ସିଦ୍ଧାନ୍ତ ଭାରତରେ ମଧ୍ୟ ବ୍ୟାପକ ଭାବେ ଲାଗୁ ହୁଏ ।

ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି, ଯେପରି ଉପରେ ଉଲ୍ଲେଖ କରାଯାଇଛି, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିନ ମଜୁରିଆ  କର୍ମଚାରୀଙ୍କୁ, ନିୟମିତ କର୍ମଚାରୀଙ୍କ ବେତନ

ହାର ପ୍ରଦାନ କରିବା ଦ୍ୱାରା ନିଆଯାଇଥିବା ମତ ଭଲ ଭାବରେ ପ୍ରତିଷ୍ଠିତ ନୁହେଁ । ଫଳସ୍ୱରୂପ ଆମେ ଏହି ଆବେଦନଗୁଡ଼ିକୁ ଅନୁମତି ଦେଉଛୁ ଏବଂ ଉଚ୍ଚ ନ୍ୟାୟାଳୟ ତଥା ବିଚାର କରୁଥିବା ନ୍ୟାୟାଳୟଙ୍କର ଆଦେଶକୁ ରଦ୍ଦ କରୁଛୁ ଏବଂ ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ମକଦ୍ଦମାକୁ ମଧ୍ୟ ରଦ୍ଦ କରୁଛୁ ।

ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି। ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।